**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା, କଟକ**

SAMS
Student Academic Management System

Skilled in ODISHA

**ରାଜ୍ୟର ସରକାରୀ ଓ ବେସରକାରୀ ଡିପ୍ଲୋମା/ପୋଷ୍ଟ ଡିପ୍ଲୋମା ଅନୁଷ୍ଠାନମାନଙ୍କରେ**

**୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ନାମଲେଖା ବିଜ୍ଞାପନ ।**

ଡିପ୍ଲୋମା ଓ ପୋଷ୍ଟ ଡିପ୍ଲୋମା କୋର୍ସରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡିପ୍ଲୋମା/ ପୋଷ୍ଟ ଡିପ୍ଲୋମା ଅନୁଷ୍ଠାନମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନଲାଇନ ପଦ୍ଧତିରେ ନାମ ଲେଖାଯିବ । ଏଥିପାଇଁ ଅନଲାଇନ ମାଧ୍ୟମରେ ଆବେଦନପତ୍ର **ତା - ୦୧.୦୪.୨୦୨୬** ରିଖ ଠାରୁ ଗ୍ରହଣ କରାଯିବ ।

**<u>ନାମଲେଖା ପ୍ରଣାଳୀ:</u>**

କ) ଆବେଦନକାରୀ ତା - ୦୧.୦୮.୨୦୨୬ ରିଖ ସୁଦ୍ଧା ଡିପ୍ଲୋମା କୋର୍ସ ନିମନ୍ତେ ୧୪ ବର୍ଷ ଓ ଲାଟେରାଲ ଏଣ୍ଟ୍ରି କୋର୍ସ ନିମନ୍ତେ ସର୍ବନିମ୍ନ ୧୬ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।

ଖ) ବିଭିନ୍ନ ଇଞ୍ଜିନିୟରିଂ/ଅଣ ଇଞ୍ଜିନିୟରିଂ କୋର୍ସ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍ / ଦ୍ୱାଦଶ ଶ୍ରେଣୀ ପାସ୍) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଲଗିନ କରି ପ୍ରଥମ ପର୍ଯ୍ୟାୟରେ **ତା - ୦୧.୦୪.୨୦୨୬ ଠାରୁ** online ରେ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ ।

ଘ)୧୦ମ/ଦ୍ୱାଦଶ ଶ୍ରେଣୀ ଅଥବା ଡିପ୍ଲୋମା /ଡିଗ୍ରୀ ଇଞ୍ଜିନିୟରିଂ ପରୀକ୍ଷାର ଫଳାଫଳ ଘୋଷିତ ହେବାପରେ ଆବେଦନକାରୀମାନେ ସେମାନଙ୍କର ମାର୍କ ଓ ଆବଶ୍ୟକୀୟ ପ୍ରମାଣ ପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ । ସମସ୍ତ ଆବେଦନକାରୀଙ୍କ ଗୋଚରାର୍ଥେ ଏହା ସୂଚିତ କରାଯାଉଅଛି ଯେ ଆବେଦନକାରୀ ନିଜର ଆଧାର ସଂଯୁକ୍ତ ମୋବାଇଲ ନମ୍ବର ନାମଲେଖା ନିମନ୍ତେ ଆବେଦନପତ୍ରରେ ଉଲ୍ଲେଖ କରିବେ । ପୁନଶ୍ଚ , ଦଶମ ବୋର୍ଡ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ଆବେଦନକାରୀଙ୍କ ନାମ , ପିତାଙ୍କ ନାମ , ମାତାଙ୍କ ନାମ , ଜନ୍ମ ତାରିଖକୁ ନାମଲେଖାପାଇଁ ଗ୍ରହଣ କରାଯିବ । ତେଣୁ ଆବେଦନକାରୀମାନେ ସେମାନଙ୍କର ଦଶମ ବୋର୍ଡ ପ୍ରମାଣପତ୍ରର ତଥ୍ୟ ଅନୁସାରେ ଯଦି ନିଜର ଆଧାର କାର୍ଡର କୌଣସି ତଥ୍ୟ ଭୁଲ୍ ଥାଏ , ତେବେ ନାମଲେଖା ତାରିଖ ସୁଦ୍ଧା ଆଧାର କାର୍ଡ ର ଭୁଲ୍ ତଥ୍ୟକୁ ସଂଶୋଧନ କରିବେ ।

ଙ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline - ୧୫୫୩୩୫ କିମ୍ବା ୧୮୦୦ - ୩୪୫ - ୬୭୭୦କୁ ଯୋଗାଯୋଗ** କରିପାରିବେ ।

**ସ୍ୱା/-**

**ନିର୍ଦ୍ଦେଶକ,**

**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡିଶା**